# NATIONAL NEWS BULLETIN (ODIA)

**11 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ମରିସସ୍ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବା ଲାଗି ବାରଣାସୀରେ ପହଁଞ୍ଚିଲେ ପ୍ରଧାନମନ୍ତ୍ରୀ
- ଭାରତୀୟ ସେନାର ନୌଯାତ୍ରା–ତ୍ରିବେଣୀ ମହିଳା ପରିକ୍ରମା ଅଭିଯାନକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଲେ ପ୍ରତିରକ୍ଷା ମନ୍ତ୍ରୀ
- ତାମିଲନାଡୁର ପଟ୍ଟାଲି ମକଲ କାଟ୍ଚୀ ଦଳ ବିଭାଜିତ
- ଭାରତ–ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏସିଆ କପ୍ ଟି-୨୦ ମ୍ୟାଚ୍ ବାତିଲ ନେଇ ଆଗତ ଆବେଦନର ତ୍ୱରିତ ଶୁଣାଣି କରିବାକୁ ମନା କଲେ ସୁପ୍ରିମକୋର୍ଟ

ଏବଂ

- ଏସିଆ କପ୍ ପୁରୁଷ କ୍ରିକେଟ ପ୍ରତିଯୋଗିତାରେ ଆଜି ମୁହାଁମୁହିଁ ହେବେ ବାଂଲାଦେଶ–ହଂକଂ

## ପିଏମ୍- ବାରଣାସୀ

ପ୍ରଧାନମନ୍ତ୍ର ନରେନ୍ଦ୍ର ମୋଦୀ' ମରିସସ୍ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ୍‌ଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବା ପାଇଁ ବାରଣାସୀ ପହଁଞ୍ଚିଛନ୍ତି। ବାରଣାସୀ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସ୍ୱାଗତ କରିଛନ୍ତି। ଗତକାଲି ମରିସସ୍ ପ୍ରଧାନମନ୍ତ୍ରୀ ଶ୍ରୀ ରାମଗୁଲାମ ବାରଣାସୀଠାରେ ପହଁଞ୍ଚିଥିଲେ। ତାଙ୍କୁ ରାଜ୍ୟପାଳ ଆନନ୍ଦିବେନ ପଟେଲଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଦୁଇନେତାଙ୍କ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିପାକ୍ଷିକ ବୈଠକରେ ଭାଗିଦାରୀ ବିକାଶ ଏବଂ ଆଞ୍ଚଳିକ ସହଯୋଗ ପ୍ରସଙ୍ଗରେ ଆଲୋଚନା ହେବ। ପୂର୍ବରୁ ବୈଦେଶିକ ସଚିବ ବିକ୍ରମ ମିଶ୍ରି' ରାମ ଗୁଲାମଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଏଥିରେ ବହୁବିଧ ଭାଗିଦାରିତା ଏବଂ ଭାରତ ଓ ମରିସସ୍ ମଧ୍ୟରେ ରଣନୈତିକ ଭାଗିଦାରିତାକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଏହି ଆଲୋଚନାରେ ଇତିହାସ, ସଂସ୍କୃତି ଏବଂ ଉଭୟ ଦେଶର ଲୋକମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ସୂଚନାଯୋଗ୍ୟ, ମରିସସ୍ ପ୍ରଧାନମନ୍ତ୍ରୀ ଗତ ୯ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଭାରତ ଗସ୍ତରେ ଆସିଛନ୍ତି।

## ରାଜନାଥ ସିଂହ- ତ୍ରିବେଣୀ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଆଇ.ଏ.ଏସ୍.ଭି. ତ୍ରିବେଣୀ ମହିଳା ପରିକ୍ରମା ଅଭିଯାନକୁ ଦେଶର ଇତିହାସର ଏକ ଐତିହାସିକ ମୁହୂର୍ତ୍ତ

ଭାବରେ ବର୍ଣ୍ଣନା କରି ପ୍ରଶଂସା କରିଛନ୍ତି। ଆଇ.ଏ.ଏସ୍.ଭି. ହେଉଛି ମୁମ୍ବାଇର ଐତିହାସିକ ଗେଟ୍ ୱେ ଅଫ୍ ଇଣ୍ଡିଆରୁ ଭାରତୀୟ ସେନାର ନୌ ଯାତ୍ରାକୁ ଦର୍ଶାଇଥାଏ। ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଏହି ଯାତ୍ରାକୁ ଆମର ଭବିଷ୍ୟତ ପିଢ଼ି ଗର୍ବର ସହିତ ମନେ ରଖିବେ। ଶ୍ରୀ ସିଂହ ଆଭାସୀ ଜରିଆରେ ସମୁଦ୍ର ପ୍ରଦକ୍ଷିଣ ଅଭିଯାନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଯାତ୍ରାରେ ମହିଳା କ୍ରୁ'ମାନଙ୍କ ମଧ୍ୟରେ ସ୍ଥଳସେନା, ନୌସେନା ଏବଂ ବାୟୁସେନାର ୧୦ ଜଣ ଅଧିକାରୀ ସାମିଲ ଅଛନ୍ତି।

ଶ୍ରୀ ସିଂହ କହିଛନ୍ତି, ଏହା କେବଳ ଏକ ମିଶନ ନୁହେଁ ବରଂ ତିନୋଟି ସଶସ୍ତ୍ର ବାହିନୀର ସାମୂହିକ ଶକ୍ତିର ପ୍ରତୀକ। ଯେତେବେଳେ ସେମାନେ ଅଭିଯାନ ଶେଷ କରି ଫେରିବେ ଏହା ସମଗ୍ର ଦେଶ ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ହେବ। ସେମାନଙ୍କ ଦୃଢ଼ ଇଚ୍ଛାଶକ୍ତି ପ୍ରତ୍ୟେକ ଆହ୍ୱାନକୁ ଦୂର କରିବାରେ ସାହାଯ୍ୟ କରିବ। ଶ୍ରୀ ସିଂହ କହିଛନ୍ତି, ମୁକ୍ତ ସମୁଦ୍ରରେ ଭାରତର ନୌବାହିନୀ ଶକ୍ତି ପ୍ରଦର୍ଶନ କରିବା ସହିତ ଏକ କୂଟନୈତିକ ମିଶନ ଭାବେ କାର୍ଯ୍ୟ କରିବ।

ଏହି ୧୦ ଜଣିଆ ଦଳ ଚାରୋଟି ବନ୍ଦରରେ ଅଟକିବାର କାର୍ଯ୍ୟକ୍ରମ ରହିଛି। ଯେଉଁଠାରେ ସେମାନେ ପ୍ରବାସୀ ଭାରତୀୟ ଏବଂ ଅନ୍ୟମାନଙ୍କ ସହିତ ଭାବବିନିମୟ କରିବେ। ଆଜି ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ବିଭାଗ ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ, ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଆଡମିରାଲ ଦିନେଶ କୁମାର ତ୍ରିପାଠୀ ଏବଂ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶଲ ଏ.ପି. ସିଂହ ଆଭାସୀ ଜରିଆରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଯୋଗ ଦେଇଥିଲେ। ସୂଚନା ଅନୁଯାୟୀ, ଲେଫ୍ଟନାଣ୍ଟ କଲୋନେଲ ଅନୁଜା ବାରୁଦକରଙ୍କ ନେତୃତ୍ୱରେ

ପାଞ୍ଚ ଜଣ ସେନା ଅଧିକାରୀ, ଜଣେ ନୌସେନା ଅଧିକାରୀ ଓ ଚାରି ଜଣ ବାୟୁସେନା ଅଧିକାରୀ ଆସନ୍ତା ୯ ମାସ ମଧ୍ୟରେ ୨୬ ହଜାର ନଟିକାଲ ମାଇଲ୍ ଯାତ୍ରା କରିବା ସହ ଦୁଇଥର ବିଷୁବ ରେଖା ଅତିକ୍ରମ କରିବେ। ୨୦୨୬ ମେ' ମାସରେ ମୁମ୍ବାଇ ଫେରିବା ପୂର୍ବରୁ କେତେକ ବିପଦପୂର୍ଣ୍ଣ ଜଳଭାଗକୁ ଅତିକ୍ରମ କରିବା ସହ ଚାରୋଟି ବିଦେଶୀ ବନ୍ଦର ପରିଦର୍ଶନ କରିବେ।

## ପିଏମ୍‌କେ- ଅଂଶୁମଣି ରିମୁଭାଲ

ତାମିଲନାଡୁର ପଟ୍ଟାଲି ମକଲ କାଟ୍‌ଚି ଦଳ ବିଭାଜିତ ହୋଇଛି। ଦଳର ପ୍ରତିଷ୍ଠାତା ଏସ୍.ରାମଦୋଷ ଏକ ସାମ୍ବାଦିକ ସମ୍ମିଳନୀରେ ସେ ତାଙ୍କ ପୁଅ ତଥା ଦଳର ସଭାପତି ଅନବୁମଣି ରାମଦୋଷଙ୍କୁ ବହିଷ୍କାର କରିଛନ୍ତି। ଦଳର ବରିଷ୍ଠ ନେତାମାନଙ୍କୁ ଅଣଦେଖା କରିବା ଏବଂ ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ଏହି ପଦକ୍ଷେପ ନିଆଯାଇଛି। ୮୫ ବର୍ଷୀୟ ରାମଦୋଷ ନିଜକୁ ଦଳର ମୁଖ୍ୟ ଭାବେ ଘୋଷଣା କରିବା ସହ ତାଙ୍କ ପୁଅ ସହିତ ସମ୍ପର୍କ ଛିନ୍ନ କରିବାକୁ କର୍ମୀମାନଙ୍କୁ କହିଛନ୍ତି। ତାଙ୍କ ପୁଅକୁ ସେ ଦୁଇଟି କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ମଧ୍ୟ ସେ କୌଣସି ଉତ୍ତର ଦେବାରେ ବିଫଳ ହୋଇଥିବାରୁ ତାଙ୍କୁ ପ୍ରାଥମିକ ସଦସ୍ୟତା ଏବଂ ସଭାପତି ପଦରୁ ବହିଷ୍କାର କରାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନବୁମଣି କହିଛନ୍ତି, ଦଳୀୟ ନିୟମ ଅନୁଯାୟୀ ସେ ଦଳର ସଭାପତି ରହିବେ।

# ଶାହା-ଫାଷ୍ଟଟ୍ରାକ୍ ଇମିଗ୍ରେସନ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଭାସୀ ମାଧ୍ୟମରେ ଆଜି ଲକ୍ଷ୍ନୌ, ତିରୁଅନନ୍ତପୁରମ୍, ତ୍ରିଚି, କାଲିକଟ ଏବଂ ଅମ୍ରିତସର ବିମାନ ବନ୍ଦରରେ ତ୍ୱରିତ ପ୍ରବାସନ ଯୋଗ୍ୟ ପର୍ଯ୍ୟଟନ ପ୍ରକ୍ରିୟାର ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା  ବିଦେଶରେ ଯାଇ ବସବାସ କରିବାକୁ ଥିବା ଲୋକମାନଙ୍କ ରହଣି ଓ ଯିବା ଆସିବା ପ୍ରକ୍ରିୟା ସହଜ ହୋଇପାରିବ। ବାହାର ଦେଶରୁ ଆସୁଥିବା ପ୍ରବାସୀ ଭାରତୀୟମାନେ ଏହାଦ୍ୱାରା ସହଜରେ ଭାରତକୁ ବୁଲି ଆସିପାରିବେ। ଏହି ଅବସରରେ ଶ୍ରୀ ଶାହା କହିଛନ୍ତି, ପ୍ରବାସୀ ଭାରତୀୟମାନଙ୍କୁ ଆଉ ଧାଡ଼ିରେ ଛିଡ଼ା ହୋଇ ଅନୁମତି ନେବାକୁ ପଡ଼ିବ ନାହିଁ। ନୂତନ ପ୍ରଯୁକ୍ତିବିଦ୍ୟା ବଳରେ ସେମାନଙ୍କୁ ସହଜରେ ଇ-ଗେଟ୍ ଅନୁମତି ମିଳିପାରିବ। ଜାତୀୟ ନିରାପତ୍ତା ଦୃଷ୍ଟିରୁ ମଧ୍ୟ ଏହା ସହାୟକ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ଏହି ପ୍ରକ୍ରିୟା ଗତବର୍ଷ ଦିଲ୍ଲୀଠାରେ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ଦେଶର ୧୩ଟି ବିମାନ ବନ୍ଦରରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ଶ୍ରୀ ଶାହା କହିଛନ୍ତି। ଏହି ପୋର୍ଟାଲରେ ପ୍ରାୟ ୩ ଲକ୍ଷ ଯାତ୍ରୀ ପଞ୍ଜୀକରଣ କରିଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

**V/O– Amit Saha-1**

ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଆନ୍ତର୍ଜାତିକ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୨୦୧୪ରେ ଭାରତରୁ ୩ କୋଟି ୫୪ ଲକ୍ଷ ଯାତ୍ରୀ ବିଦେଶ ଗସ୍ତ କରିଥିବାବେଳେ ଏହି ସଂଖ୍ୟା ୭୩ ପ୍ରତିଶତ

ବୃଦ୍ଧି ପାଇ ୬ କୋଟି ୧୨ ଲକ୍ଷରେ ପହଁଞ୍ଚିଛି। ଶ୍ରୀ ଶାହା କହିଛନ୍ତି, ବିଦେଶରୁ ଭାରତକୁ ଆସୁଥିବା ଯାତ୍ରୀଙ୍କ ସଂଖ୍ୟା ୨୦୧୪ରେ ୧ କୋଟି ୫୩ ଲକ୍ଷ ଥିବାବେଳେ ଏବେ ତାହା ୨ କୋଟିରୁ ଅଧିକକୁ ବୃଦ୍ଧି ପାଇଛି।

**V/O– Amit Saha-2**

## ଏସ୍‌ସି–ଇଣ୍ଡିଆ–ପାକ୍ ମ୍ୟାଚ୍

ଆସନ୍ତା ୧୪ ତାରିଖରେ ଦୁବାଇରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏସିଆ କପ୍ ଟି–୨୦ ମ୍ୟାଚ୍ ବାତିଲ କରିବା ନେଇ ହୋଇଥିବା ଆବେଦନର ତ୍ୱରିତ ଶୁଣାଣି ଲାଗି ସୁପ୍ରିମକୋର୍ଟ ମନା କରିଛନ୍ତି। ଜଷ୍ଟିସ୍ ଜେ.କେ.ମାହେଶ୍ୱରୀ ଏବଂ ବିଜୟ ବିଷ୍ଣୋୟୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ତ୍ୱରିତ ଶୁଣାଣିର କୌଣସି ଆବଶ୍ୟକତା ନଥିବା କହିବା ସହ ମ୍ୟାଚ୍ ପୂର୍ବ ନିର୍ଦ୍ଧାରିତ ସୂଚୀ ମୁତାବକ ଜାରି ରହିବ ବୋଲି କହିଛନ୍ତି।

ଚାରି ଜଣ ଆଇନ ଛାତ୍ର ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରି ଯୁକ୍ତି କରିଛନ୍ତି, ପହଲଗାମ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ପରିବାର ପ୍ରତି ଏହା ଅପମାନ ହେବ। ସେମାନେ ଅଭିଯୋଗ କରିଛନ୍ତି, ଜାତୀୟ ସ୍ୱାର୍ଥ, ସୁରକ୍ଷା ଓ ନାଗରିକଙ୍କ ଜୀବନଠାରୁ କ୍ରିକେଟ ଖେଳ ଅଧିକ ମହତ୍ତ୍ୱ ରଖେ ନାହିଁ।

## ଇସ୍ରୋ – ହଣ୍ଡ୍ରେଡ୍‌ଥ୍ ଟି.ଓ.ଟି.

କ୍ଷୁଦ୍ର ଉପଗ୍ରହ ପ୍ରେରଣ ଯାନ – ଏସ୍.ଏସ୍.ଏଲ୍.ଭି. ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ନିୟୁ ସ୍ପେସ୍ ଇଣ୍ଡିଆ

ଲିମିଟେଡ୍, ଭାରତ ମହାକାଶ ଗବେଷଣା ସଙ୍ଗଠନ, ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଏବଂ ପ୍ରାଧିକରଣ କେନ୍ଦ୍ର ଓ ହିନ୍ଦୁସ୍ଥାନ ଏରୋନେଟିକ୍ସ ମଧ୍ୟରେ ଏହି ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି ।

ଇସ୍ରୋଦ୍ୱାରା ବିକଶିତ ଉଦ୍‌କ୍ଷେପଣ ଯାନ ଏସ୍.ଏସ୍.ଏଲ୍.ଭି.କୁ ଏଭଳି ଭାବରେ ଡିଜାଇନ୍ କରାଯାଇଛି, ଯାହା ଶିଳ୍ପଦ୍ୱାରା ଉତ୍ପାଦନ କରାଯାଇପାରିବ । କ୍ଷୁଦ୍ର ଉପଗ୍ରହ ଉତ୍‌କ୍ଷେପଣ ପାଇଁ ବିଶ୍ୱରେ ଚାହିଦା ବୃଦ୍ଧି ପାଉଥିବାରୁ ଇସ୍ରୋ ପକ୍ଷରୁ ପ୍ରଯୁକ୍ତବିଦ୍ୟା ହସ୍ତାନ୍ତରପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଫଳରେ ଆଗାମୀ ଦିନରେ ଶ୍ରୀହରିକୋଟାରୁ ଉତ୍‌କ୍ଷେପଣ ସହଜସାଧ ହୋଇପାରିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରୋ କହିଛି, ଏହି ଚୁକ୍ତିନାମା ଫଳରେ ଦେଶର ମହାକାଶ କ୍ଷେତ୍ରରେ ଆଉ ଏକ ସଫଳତା ଯୋଡ଼ିହୋଇଛି ।

ଅନ୍ୟପକ୍ଷରେ, ନାସା ପକ୍ଷରୁ ଚୀନ ନାଗରିକମାନଙ୍କୁ ଏହାର କୌଣସି କାର୍ଯ୍ୟକ୍ରମରେ ଯୋଗଦେବାକୁ ନିଷେଧ କରାଯାଇଛି ।

ଏହି ଆମେରିକୀୟ ସରକାରୀ ସଂସ୍ଥାଦ୍ୱାରା ନୀତିରେ ପରିବର୍ତ୍ତନ କରାଯିବା ପରେ ମହାକାଶ ଦୌଡ଼ରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାକୁ ଲକ୍ଷ୍ୟ କରି ଏହି ନିଷ୍ପତ୍ତି ନିଆଯାଇଛି । ନାସା ନିଜର ଆଭ୍ୟନ୍ତରୀଣ କାର୍ଯ୍ୟ, ସାଇବର ସୁରକ୍ଷା ଏବଂ ଅନ୍ୟାନ୍ୟ କେତେକ ପ୍ରସଙ୍ଗରେ ନୀତିଗତ ନିଷ୍ପତ୍ତି ଯୋଗୁଁ ଚୀନ ନାଗରିକଙ୍କୁ ସାମିଲ୍ କରିବ ନାହିଁ ବୋଲି ସ୍ପଷ୍ଟ କରିଛି । ପୂର୍ବରୁ ଚୀନ ନାଗରିକମାନଙ୍କୁ ନାସାରେ ଠିକାଦାର କିମ୍ବା ଗବେଷକ ଭାବରେ କାମ କରିବାକୁ ଅନୁମତି ଦିଆଯାଉଥିଲା ।

# ଏସିଆ କପ୍ କ୍ରିକେଟ

ଏସିଆ କପ୍ ପୁରୁଷ କ୍ରିକେଟ ପ୍ରତିଯୋଗିତାରେ ଆଜି ଆବୁଧାବିସ୍ଥିତ ଶେଖ୍ ଜାୟାଦ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ରାତି ୮ଟାରେ ଗ୍ରୁପ୍-ବି.'ର ଏକ ମ୍ୟାଚ୍‌ରେ ବାଂଲାଦେଶ ଓ ହଂକଂ ମଧ୍ୟରେ ମୁକାବିଲା ହେବ । ଗତକାଲି ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମଠାରେ ଅନୁଷ୍ଠିତ ଗ୍ରୁପ୍-ଏ'ର ପ୍ରଥମ ମ୍ୟାଚ୍‌ରେ ଭାରତ ୯ ୱିକେଟ୍‌ରେ ସଂଯୁକ୍ତ ଆରବ ଏମିରେଟ୍‌ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ସଂଯୁକ୍ତ ଆରବ ଏମିରେଟ୍‌ସ ୧୩ ଓଭର ଗୋଟିଏ ବଲ୍‌ରେ ୫୭ ରନ୍ ସଂଗ୍ରହ କରିଥିଲା । ଭାରତ ମାତ୍ର ୪ ଓଭର ୩ଟି ବଲ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।